# NATIONAL NEWS BULLETIN (ODIA)
## 14 January - 2025
## Evening Bulletin : 7.15 P.M.

*******************************

## ମୁଖ୍ୟ ସମ୍ବାଦ

- ପ୍ରୟାଗରାଜ ମହାକୁମ୍ଭ ମେଳାରେ ଆଜି ବୁଡ଼ ପକାଇଲେ ସାଢ଼େ ୩ କୋଟିରୁ ଅଧିକ ଶ୍ରଦ୍ଧାଳୁ
- ଜାତୀୟ ହଳଦୀ ବୋର୍ଡ ଗଠନକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ
- ଆତଙ୍କବାଦ ବିରୋଧରେ ଦେଶକୁ ସୁରକ୍ଷା ଦେବାରେ ଯବାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ; କହିଲେ ପ୍ରତିରକ୍ଷା ମନ୍ତ୍ରୀ
- ରୁଷ୍ ସେନାରେ କାର୍ଯ୍ୟରତ ଭାରତୀୟ ନାଗରିକଙ୍କୁ ସ୍ୱଦେଶ ଫେରାଇବାକୁ ଦାବି କଲା ଭାରତ

ଏବଂ

- ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମ୍‌ରେ ଚାଲିଛି ମହିଳା ବର୍ଗରେ ଦିଲ୍ଲୀ ଏସ୍‌ଜି ପାଇପର୍ସ ଏବଂ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା

# ମହାକୁମ୍ଭ- ମକର ସଂକ୍ରାନ୍ତି ସ୍ନାନ

ମକର ସଂକ୍ରାନ୍ତି ଅବସରରେ ପ୍ରୟାଗରାଜରେ ଅନୁଷ୍ଠିତ ହେଉଥିବା ପବିତ୍ର ମହାକୁମ୍ଭ ମେଳାରେ ଆଜି ପ୍ରଥମ ଅମୃତ ସ୍ନାନ ଅନୁଷ୍ଠିତ ହୋଇଛି। ପ୍ରାୟ ୩ କୋଟି ୫୦ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଓ ତୀର୍ଥଯାତ୍ରୀ ଏହି ଅବସରରେ ତ୍ରିବେଣୀ ସଙ୍ଗମରେ ବୁଡ଼ ପକାଇଥିଲେ। ସମୁଦାୟ ୧୩ଟି ଆଖଡ଼ା ନିର୍ଦ୍ଧାରିତ ସମୟ ଓ କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଅମୃତ ସ୍ନାନରେ ଅଂଶଗ୍ରହଣ କରିଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅମୃତ ସ୍ନାନରେ ଅଂଶଗ୍ରହଣ କରିଥିବା ସମସ୍ତ ଶ୍ରଦ୍ଧାଳୁଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହା ଭକ୍ତି ଓ ଆଧ୍ୟାତ୍ମିକତାର ପ୍ରକୃତ ପ୍ରତିଫଳନ ବୋଲି ସେ କହିଛନ୍ତି। ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ପ୍ରଥମ ଅମୃତ ସ୍ନାନ ପର୍ବ ସୁରୁଖୁରୁରେ ସମ୍ପନ୍ନ ହୋଇଥିବାରୁ ସମସ୍ତ ଆଖଡ଼ା, ମହାକୁମ୍ଭ ମେଳାର ପ୍ରଶାସନ, ପୁଲିସ ପ୍ରଶାସନ, ସ୍ୱଚ୍ଛତା କର୍ମୀ, ସ୍ୱୟଂସେବୀ ସଂଗଠନ, ନାବିକ ତଥା ମହାକୁମ୍ଭ ସହ ଯୋଡ଼ି ହୋଇଥିବା କେନ୍ଦ୍ର ଓ ବିଭିନ୍ନ ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି।

୧୪୪ ବର୍ଷ ପରେ ଅନୁଷ୍ଠିତ ଏହି ମହାକୁମ୍ଭରେ ରୀତିନୀତି ବେଶ୍ ଶୃଙ୍ଖଳାର ସହିତ ଚାଲିଛି। ଆଜି ପବିତ୍ର ସ୍ନାନ ପରେ ଭକ୍ତମାନେ ବିଭିନ୍ନ

ଘାଟରେ ପୂଜାର୍ଚ୍ଚନା କରିଥିଲେ। ପରମ୍ପରାକୁ ବଜାୟ ରଖି ସେମାନେ ଏହି ସମାଗମର ପବିତ୍ରତାକୁ ଆହୁରି ସୁଦୃଢ଼ କରିବାକୁ ଯାଇ ଦାନ କାର୍ଯ୍ୟରେ ନିୟୋଜିତ ହୋଇଥିଲେ। ଆଜି ସକାଳେ ଗଙ୍ଗା ଆରତୀରେ ମଧ୍ୟ ବହୁ ସଂଖ୍ୟାରେ ଲୋକେ ଯୋଗ ଦେଇଥିଲେ। ପ୍ରଶାସନ ପକ୍ଷରୁ ହେଲିକପ୍ଟର ଯୋଗେ ଶ୍ରଦ୍ଧାଳୁଙ୍କ ଉପରକୁ ପୁଷ୍ପବର୍ଷା କରାଯାଇ ଅଭିନନ୍ଦନ ଜଣାଯାଇଥିବା ଆମ ସମ୍ବାଦଦାତା ସୂଚନା ଦେଇଛନ୍ତି।

ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ସମାବେଶରେ ଯୋଗଦେବାକୁ ଆସୁଥିବା ବିଭିନ୍ନ ଭାରତୀୟ ଭାଷାଭାଷୀ ଶ୍ରଦ୍ଧାଳୁଙ୍କ ସହାୟକ ହେଉଛି 'ଭାଷିନୀ' ମୋବାଇଲ ଆପ୍। ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏହି ଆପ୍ ୧୧ଟି ଭାଷାରେ ସଙ୍ଗେ ସଙ୍ଗେ ଭାଷାନ୍ତରଣ ସୁବିଧା ଯୋଗାଉଛି। ଏଣୁ ଯେ କୌଣସି ଭାଷା କହୁଥିବା ଲୋକଙ୍କୁ କଥାକୁ ବୁଝିବା ଏବଂ ପ୍ରୟାଗରାଜରେ ରାସ୍ତା ଖୋଜିବା ସହାୟକ ହେଉଛି। ଉତ୍ତରପ୍ରଦେଶ ପୁଲିସ ମଧ୍ୟ 'ଭାଷିନୀ' ଆପ୍ ସହାୟତାରେ ଶ୍ରଦ୍ଧାଳୁଙ୍କୁ ସହଯୋଗ କରୁଛନ୍ତି।

## ପିଏମ୍- ନ୍ୟାସନାଲ ଟରମେରିକ୍ ବୋର୍ଡ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାତୀୟ ହଳଦୀ ବୋର୍ଡର ଗଠନକୁ ପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ  ପ୍ରଧାନମନ୍ତ୍ରୀ ବୋର୍ଡ ପ୍ରତିଷ୍ଠାକୁ ବିଶେଷ କରି ଦେଶର ପରିଶ୍ରମୀ ହଳଦୀ ଚାଷୀଙ୍କ ପାଇଁ ଏହା

ଅତ୍ୟନ୍ତ ଆନନ୍ଦର ବିଷୟ ବୋଲି କହିଛନ୍ତି। ଅଭିନବ ଉପାୟ ବ୍ୟବହାର କରି ହଳଦୀ ଉତ୍ପାଦନ, ବିଶ୍ୱସ୍ତରୀୟ ପ୍ରୋତ୍ସାହନ ଏବଂ ମୂଲ୍ୟ ବୃଦ୍ଧି ପାଇଁ ଏହି ବୋର୍ଡ ଉତ୍ତମ ସୁଯୋଗ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏହା ଯୋଗାଣ ଶୃଙ୍ଖଳାକୁ ସୁଦୃଢ଼ କରିବା ସହ ଉଭୟ କୃଷକ ଏବଂ ଉପଭୋକ୍ତାଙ୍କୁ ସମାନ ଭାବରେ ଉପକୃତ କରାଇବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି।

# ଜେକେ- ରାଜନାଥ ସିଂ

ପାକିସ୍ତାନ ଅଧିକୃତ କଶ୍ମୀର  ବିନା ଜମ୍ମୁ-କଶ୍ମୀର ଅସମ୍ପୂର୍ଣ୍ଣ  ଏବଂ ଧର୍ମ ଆଧାରରେ ଏହି ଅଞ୍ଚଳର ଲୋକଙ୍କୁ ବିଭାଜିତ କରାଯାଉଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି।  ଜମ୍ମୁ ଉପକଣ୍ଠ ଅଖନୁର ଅଞ୍ଚଳରେ ସେନା ପକ୍ଷରୁ ଆୟୋଜିତ ପୂର୍ବତନ ସୈନିକଙ୍କ ଏକ ଶୋଭାଯାତ୍ରାକୁ ସମ୍ବୋଧିତ କରି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି, ପାକିସ୍ତାନ ଅଧିକୃତ କଶ୍ମୀରରେ ସକ୍ରିୟ ଲଞ୍ଚିଂ ପ୍ୟାଡ୍ ରହିଛି ଏବଂ ଭାରତ ଠିକ୍ ସମୟରେ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ସେ ଆହୁରି ମଧ୍ୟ କହିଛନ୍ତି, ଦେଶକୁ ସୁରକ୍ଷିତ ରଖିବା ପାଇଁ ଭାରତୀୟ ସେନାର ଯବାନମାନେ ଯୁଦ୍ଧ ସମୟରେ ସବୁବେଳେ ଶତ୍ରୁମାନଙ୍କୁ ପରାସ୍ତ କରିଆସିଛନ୍ତି। ଆତଙ୍କବାଦ ବିରୋଧରେ ଦେଶକୁ ସୁରକ୍ଷା ଦେବାରେ ସେନା ଯବାନଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିବା ସହ ସେମାନଙ୍କ ବଳିଦାନକୁ ଶ୍ରୀ ସିଂ ପ୍ରଶଂସା କରିଥିଲେ। ପ୍ରତିରକ୍ଷା ମନ୍ତ୍ରୀ ୧୦୮ ଫୁଟର

ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଖନୁରରେ ଏକ ଐତିହ୍ୟ ସଂଗ୍ରହାଳୟକୁ ମଧ୍ୟ ଉଦଘାଟନ କରିଛନ୍ତି। ଏହି ସଂଗ୍ରହାଳୟରେ ଜମ୍ମୁ-କଶ୍ମୀରର ବିଭିନ୍ନ ଯୁଦ୍ଧରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଏବଂ ଯୁଦ୍ଧ ବୀରଙ୍କ ମୂର୍ତ୍ତି ପ୍ରଦର୍ଶିତ ହୋଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍)ଙ୍କ ସହ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଏବଂ ବରିଷ୍ଠ ଅଧିକାରୀମାନେ ସ୍ୱାଗତ କରିଥିଲେ।

# ଏମ୍ଇଏ- ରୁଷିଆ

ରୁଷୀୟ ସେନାରେ ନିୟୋଜିତ ଜଣେ ଭାରତୀୟ ନାଗରିକଙ୍କ ମୃତ୍ୟୁ ଘଟଣାକୁ ନେଇ ଭାରତ ଆପତ୍ତି ଉଠାଇଛି। ମସ୍କୋରେ ଥିବା ରୁଷୀୟ କର୍ତ୍ତୃପକ୍ଷ ଏବଂ ନୂଆଦିଲ୍ଲୀସ୍ଥିତ ରୁଷ ଦୂତାବାସ ନିକଟରେ ଏହି ବିଷୟକୁ ଉପସ୍ଥାପନ କରି ରୁଷ୍ ସେନାରେ କାର୍ଯ୍ୟ କରିବା ପାଇଁ ନିଯୁକ୍ତି ପାଇଥିବା ଅବଶିଷ୍ଟ ଭାରତୀୟ ନାଗରିକଙ୍କୁ ଶୀଘ୍ର ସ୍ୱଦେଶ ଫେରାଇବାକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦାବି କରିଛି।

ଏକ ବିବୃତ୍ତିରେ ମନ୍ତ୍ରଣାଳୟ ଆଜି କେରଳର ଏହି ଭାରତୀୟ ନାଗରିକଙ୍କ ମୃତ୍ୟୁରେ ଦୁଃଖ ପ୍ରକାଶ କରିଛି। ସିଏ ରୁଷ ସେନାରେ ନିଯୁକ୍ତ ହୋଇଥିଲେ। କେରଳର ଆଉ ଜଣେ ଭାରତୀୟ ନାଗରିକ ଆହତ ହୋଇ ମସ୍କୋର ଏକ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ବୋଲି ବୈଦେଶିକ

ମନ୍ତ୍ରଣାଳୟ ସୂଚନା ଦେଇଛି। ମସ୍କୋସ୍ଥିତ ଭାରତୀୟ ଦୂତାବାସ ସେମାନଙ୍କ ପରିବାର ସହ ଯୋଗାଯୋଗରେ ରହିଛି ଏବଂ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛି ବୋଲି ଭାରତ ପକ୍ଷରୁ କୁହାଯାଇଛି। ମୃତ ବ୍ୟକ୍ତିଙ୍କ ଶରୀର ଏବଂ ରୁଷ୍‌ରେ ଚିକିତ୍ସାଧୀନ ଆହତ ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ପାଇଁ ରୁଷ୍ କର୍ତ୍ତୃପକ୍ଷଙ୍କ ସହ ମିଶି କାମ କରୁଛି ବୋଲି ମନ୍ତ୍ରଣାଳୟ କହିଛି।

## ନର୍ଥ କୋରିଆ ମିସାଇଲ୍

ଉତ୍ତର କୋରିଆ ଆଜି ପୂର୍ବ ସାଗର ଆଡ଼କୁ ଏକାଧିକ କ୍ଷୁଦ୍ର ଦୂରତା ବିଶିଷ୍ଟ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ କରିଛି। ଦକ୍ଷିଣ କୋରିଆର ସେନା କହିଛି, ଆଜି ସକାଳେ ଉତ୍ତର କୋରିଆର ଜଗଙ୍ଗ ପ୍ରଦେଶର କାଙ୍ଗେ ଅଞ୍ଚଳରୁ ଏହି କ୍ଷେପଣାସ୍ତ୍ର ଗୁଡ଼ିକର ଉତ୍‌କ୍ଷେପଣକୁ ଠାବ କରାଯାଇଥିଲା। ଏହି କ୍ଷେପଣାସ୍ତ୍ରଗୁଡ଼ିକ ଆକାଶମାର୍ଗରେ ପ୍ରାୟ ୨୫୦ କିଲୋମିଟର ଅତିକ୍ରମ କରି ସମୁଦ୍ର ଭିତରକୁ ଖସି ପଡ଼ିଥିଲା। ତେବେ କେତେ ସଂଖ୍ୟକ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଛି ସେ ବାବଦରେ ସେନା ସ୍ପଷ୍ଟ କରିନାହିଁ। ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାୟିତ୍ୱ ଗ୍ରହଣ କରିବାର କିଛି ଦିନ ପୂର୍ବରୁ ଏହି ଉତକ୍ଷେପଣ କରାଯାଇଛି। ଦକ୍ଷିଣ କୋରିଆର କାର୍ଯ୍ୟକାରୀ ରାଷ୍ଟ୍ରପତି ଚୋଇ ସାଙ୍ଗ-ମୋକ୍ ଉତ୍ତର କୋରିଆର ସଦ୍ୟତମ ଏହି କ୍ଷେପଣାସ୍ତ୍ର ଉତକ୍ଷେପଣକୁ ନିନ୍ଦା କରିବା ସହ

ଏହାକୁ ଜାତିସଂଘ ନିରାପତ୍ତା ପରିଷଦ ପ୍ରସ୍ତାବର ସ୍ପଷ୍ଟ ଉଲ୍ଲଂଘନ ବୋଲି କହିଛନ୍ତି ।

## ମାଇନ୍ସ- ଡେଥ୍

ଦକ୍ଷିଣ ଆଫ୍ରିକାର ଏକ ପରିତ୍ୟକ୍ତ ସୁନା ଖଣିରେ ୧୦୦ରୁ ଅଧିକ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି । ଅନେକ ଦିନ ଧରି ସେମାନେ ଖାଦାନ ଭିତରେ ଫଶି ରହିଥିଲେ । ସେମାନଙ୍କୁ ଉଦ୍ଧାର କରିବା ପାଇଁ ପୁଲିସ ପକ୍ଷରୁ ଉଦ୍ୟମ କରାଯାଇଥିଲା । ଉତ୍ତର-ପଶ୍ଚିମ ପ୍ରଦେଶର ଏକ ଖଣିରେ ଏହି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ନଭେମ୍ବର ମାସରୁ ଉଦ୍ୟମ ଆରମ୍ଭ କରାଯାଇଥିବା ଦକ୍ଷିଣ ଆଫ୍ରିକା ପୁଲିସ ପକ୍ଷରୁ କୁହାଯାଇଛି । ଖାଦ୍ୟ ଓ ଜଳ ଅଭାବରୁ ସେମାନଙ୍କର ମୃତ୍ୟୁ ହୋଇଥିବା ପୁଲିସ ମୁଖପାତ୍ର ବ୍ରିଗେଡିୟର ସେବାଟା ମୋକ୍‌ଗାବୋନ କହିଛନ୍ତି ।

## ବାଂଲାଦେଶ ଇଲେକସନ୍

ବାଂଲାଦେଶର ଅନ୍ତରୀଣ ସରକାର ଦେଶର ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଅଗଷ୍ଟ ସୁଦ୍ଧା ପରବର୍ତ୍ତୀ ଜାତୀୟ ନିର୍ବାଚନ ଆୟୋଜନ କରନ୍ତୁ ବୋଲି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି- ବିଏନ୍‌ପି ଆଜି ଦାବି କରିଛି । ଏକ ସାମ୍ବାଦିକ ସମ୍ମିଳନୀରେ ବିଏନପିର ମହାସଚିବ ମିର୍ଜା ଫଖରୁଲ କହିଛନ୍ତି, ଚଳିତ ବର୍ଷ ମଧ୍ୟଭାଗରେ ଅର୍ଥାତ୍ ଜୁଲାଇରୁ ଅଗଷ୍ଟ ମଧ୍ୟରେ ନିର୍ବାଚନ କରାଯିବା ଉଚିତ୍ ।

ୟୁନାଇଟେଡ୍ ନ୍ୟୁଜ୍ ଅଫ୍ ବାଂଲାଦେଶ- ୟୁଏନ୍‌ବି ରିପୋର୍ଟ ଅନୁଯାୟୀ, ଗତ ରାତିରେ ଅନୁଷ୍ଠିତ ଦଳର ଷ୍ଟାଣ୍ଡିଂ କମିଟି ବୈଠକର ଫଳାଫଳ ଉପରେ ଆଲୋଚନା କରି ଢାକାସ୍ଥିତ ବିଏନ୍‌ପି କାର୍ଯ୍ୟାଳୟରେ ସେ ଏହି ମନ୍ତବ୍ୟ ଦେଇଛନ୍ତି।

ଚଳିତ ବର୍ଷ ମଧ୍ୟଭାଗ ସୁଦ୍ଧା ନିର୍ବାଚନ ଆୟୋଜନ ପାଇଁ ପଦକ୍ଷେପ ନେବାକୁ ଅନ୍ତରୀଣ ସରକାର' ନିର୍ବାଚନ ଆୟୋଗ ଏବଂ ରାଜନୈତିକ ଦଳଗୁଡ଼ିକୁ ଆହ୍ୱାନ ଦେଇଛନ୍ତି। ଏବେ ଶାସନରେ ସ୍ଥିରତା ଫେରିଛି ଏବଂ ନିର୍ବାଚନ ଆୟୋଗ ଗଠନ ହୋଇଛି। ଏଣୁ ନିର୍ବାଚନ ବିଳମ୍ବ କରିବାର କୌଣସି କାରଣ ନାହିଁ ବୋଲି ସେ କହିଛନ୍ତି। ସରକାରଙ୍କ ଦ୍ୱାରା ଗଠିତ ନିର୍ବାଚନ ସଂସ୍କାର ଆୟୋଗ ମଧ୍ୟ ଆସନ୍ତାକାଲି ରିପୋର୍ଟ ଉପସ୍ଥାପନ କରିବେ ବୋଲି ବିଏନପି ନେତା କହିଛନ୍ତି। ତେଣୁ ନିର୍ବାଚନକୁ ଆହୁରି ବିଳମ୍ବ କରିବାର କୌଣସି ଯଥାର୍ଥତା ନାହିଁ ବୋଲି ସେ କହିଛନ୍ତି। ବିଳମ୍ବ ଯେତେ ଅଧିକ ହେବ ରାଜନୈତିକ ଓ ଅର୍ଥନୈତିକ ସଙ୍କଟ ସେତେ ଗଭୀର ହେବ ବୋଲି ଫଖରୁଲ ଆଶଙ୍କା ପ୍ରକାଶ କରିଛନ୍ତି। ନିର୍ବାଚିତ ସରକାର ହେଉଛି ଗଣତନ୍ତ୍ରର ମୂଳଦୁଆ ଏବଂ ଏହାର କୌଣସି ବିକଳ୍ପ ନାହିଁ ବୋଲି ସେ ୟୁଏନ୍‌ବିକୁ କହିଛନ୍ତି।

# କୋଲ୍ ଇମ୍ପୋର୍ଟ

ଗତବର୍ଷ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ଦେଶରେ କୋଇଲା ଆମଦାନୀ ୩ ପ୍ରତିଶତରୁ ଅଧିକ ହ୍ରାସ ପାଇଛି। ପୂର୍ବବର୍ଷ ଏହି ସମୟରେ କୋଇଲା ଆମଦାନୀ ୧୫୪ ନିୟୁତ ଟନ୍‌ରୁ ଖସି ୧୪୯ ନିୟୁତ ଟନ୍‌ରେ ପହଁଞ୍ଚିଛି। କୋଇଲା ମନ୍ତ୍ରଣାଳୟ କହିଛି, ଭାରତର କୋଇଲା କ୍ଷେତ୍ର ଏହାର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିକୁ ସହାୟକ ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ଦେଶରେ କୋକିଂ କୋଇଲା ଏବଂ ଉଚ୍ଚ ମାନର ଥର୍ମାଲ କୋଇଲାର ଆବଶ୍ୟକତାକୁ ପୂରଣ କରିବାରେ ଘରୋଇ କୋଇଲା ଭଣ୍ଡାର ସମର୍ଥ ହୋଇପାରୁନାହିଁ। ଫଳରେ ଇସ୍ପାତ ଉତ୍ପାଦନ ଭଳି ଗୁରୁତ୍ୱପୂର୍ଣ୍ଣ ଶିଳ୍ପର ଆବଶ୍ୟକତାକୁ ପୂରଣ କରିବା  କରିବା ପାଇଁ କୋଇଲା ଆମଦାନୀ ଜରୁରୀ ହୋଇପଡ଼ିଛି। ଘରୋଇ ଉତ୍ପାଦନ ବୃଦ୍ଧି ଏବଂ ସ୍ଥିର କୋଇଲା ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାର ଅନେକ ରଣନୈତିକ ପଦକ୍ଷେପ ଜାରି ରଖିଛନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। କେବଳ କୋଇଲା ଆମଦାନୀ ଉପରେ ଭାରତର ନିର୍ଭରଶୀଳତା ହ୍ରାସ କରିବା ନୁହେଁ ବରଂ ଦେଶର ଶକ୍ତି ନିରାପତ୍ତାକୁ ସୁଦୃଢ଼ କରିବା ଏହି ପ୍ରୟାସର ଲକ୍ଷ୍ୟ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ଲିଗ୍ ମହିଳା ବର୍ଗ ପ୍ରତିଯୋଗିତାରେ ବର୍ତ୍ତମାନ ରାଞ୍ଚିର ଜୟପାଲ ସିଂ ମୁଣ୍ଡା ହକି ଷ୍ଟାଡିୟମଠାରେ ଦିଲ୍ଲୀ ଏସ୍.ଜି. ପାଇପର୍ସ ଏବଂ ସାର୍ଚି ରାର୍ ବେଙ୍ଗଲ ଟାଇଗର୍ସ ମଧ୍ୟରେ ମୁକାବିଲା ଚାଲିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ବେଙ୍ଗଲ ଟାଇଗର୍ସ ୨-୦ ଗୋଲ୍‌ରେ ଆଗୁଆ ରହିଥିଲ।

ପୁରୁଷ ବର୍ଗରେ ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ରାତି ୮ଟା ୧୫ ମିନିଟ୍‌ରେ ଟିମ୍ ଗୋନାସିକା ଓ ସୁର୍‌ମା ହକି କ୍ଲବ ମଧ୍ୟରେ ମୁକାବିଲା ହେବ ।